କେତୋଟି ସ୍ମରଣଯୋଗ୍ୟ ବିଷୟ

୧. ଶିବିରର କାର୍ଯ୍ୟକ୍ରମ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
୨. ଜୁନ ୨୪ ତାରିଖ ସକାଳ ୧୧ ଘଟିକା ସୁଦ୍ଧା ସମସ୍ତ ଶିବିରାର୍ଥୀ ଆଶ୍ରମରେ ପହଞ୍ଚିବେ।
୩. ଶିବିରର କାର୍ଯ୍ୟକ୍ରମ ସକାଳ ୫ଟା ଠାରୁ ରାତ୍ରୀ ୯ ଘଟିକା ପର୍ଯ୍ୟନ୍ତ ଚାଲୁ ରହିବ।
୪. ଆଶ୍ରମ ପରିସରରେ ନିରବତା ଓ ଶୃଙ୍ଖଳା ରକ୍ଷା କରିବେ।
୫. ଶ୍ରେଣୀକକ୍ଷକୁ ମୋବାଇଲ ଫୋନ୍ ଆଣିବେ ନାହିଁ। ମୋବାଇଲ ଫୋନର ବ୍ୟବହାର କେବଳ ବିଶ୍ରାମ କକ୍ଷରେ ସୀମିତ ରଖିବେ।
୬. ନିଜେ ରହିବା ଘର, ଗାଧୁଆ ଘର, ପାଇଖାନା ଘର ଇତ୍ୟାଦି ସବୁ ସମୟରେ ସଫା ସୁତରା ରଖିବେ।
୭. ଶିବିରାର୍ଥୀ ମାନଙ୍କ ପାଇଁ ନିଶୁଳ୍କ ରହିବା ଓ ଭୋଜନର ବ୍ୟବସ୍ଥା କରାଯିବ। ଆଶ୍ରମରେ ସଂପୂର୍ଣ୍ଣ ନିରାମିଷ ଖାଦ୍ୟ ପରିବେଷଣ କରାଯିବ ।
୮. ଆଶ୍ରମରେ ଧୂମ୍ରପାନ ଓ ନିଶାସେବନ ସଂପୂର୍ଣ୍ଣ ନିଷେଧ ।
୯. ଶିବିର ଆରମ୍ଭ ହେବା ପରେ ବିନା ଅନୁମତିରେ ଆଶ୍ରମ ବାହାରକୁ ଯିବେ ନାହିଁ।
୧୦. ଶିବିରରେ ଯୋଗ ଦେବା ପାଇଁ ଯାତାୟାତ ଖର୍ଚ୍ଚ ଶିବିରାର୍ଥୀମାନେ ନିଜେ ବହନ କରିବେ।
୧୧. ନିଜର ଦୈନନ୍ଦିନ ଆବଶ୍ୟକ ଜିନିଷ ଓ ପୋଷାକପତ୍ର (ଯୋଗାସନ ପାଇଁ ଢ଼ିଲା ପୋଷାକ) ସଙ୍ଗରେ ଆଣିବେ।
୧୨. ଜୁନ ୩୦ ମଧ୍ୟାହ୍ନ ୧୨ ଘଟିକା ସମୟରେ ଶିବିରର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହେବ।

ଶିବିରର ମୁଖ୍ୟ କାର୍ଯ୍ୟକ୍ରମ

- ଯୋଗାସନ ଓ ଧ୍ୟାନ
- ପରମହଂସ ଯୋଗାନନ୍ଦଙ୍କ ଜୀବନ ଓ ଶିକ୍ଷା ଉପରେ ବକ୍ତବ୍ୟ ଓ ଆଲୋଚନା।
- ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ।
- ବକ୍ତୃତା, ପ୍ରବନ୍ଧ, କ୍ୱିଜ୍, ସଂଗୀତ ଇତ୍ୟାଦି ପ୍ରତିଯୋଗୀତା ।
- ରଥଯାତ୍ରା ସମୟରେ ଯୁବକମାନଙ୍କ ଦ୍ୱାରା ବିଭିନ୍ନ ସେବାକାର୍ଯ୍ୟ।
- ଶିବିରାର୍ଥୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ।

ଆବେଦନ ଫର୍ମ

୧୧ତମ ଯୁବ ପ୍ରଶିକ୍ଷଣ ଶିବିର

ହରିହରାନନ୍ଦ ଗୁରୁକୁଳମ, ବାଲିଘାଇ, ଛଇତାନା
ପୁରୀ-୭୫୩୦୦୨, ଓଡ଼ିଶା
ତାରିଖ : ୨୪ ଠାରୁ ୩୦ ଜୁନ, ୨୦୧୭

୧. ନାମ :..
୨. ମହାବିଦ୍ୟାଳୟ :...
....
୩. ଶ୍ରେଣୀ :..
୪. ଲିଙ୍ଗ (ପୁରୁଷ /ସ୍ତ୍ରୀ):..
୫. ଜନ୍ମ ତାରିଖ :..
୬. ପିତାଙ୍କ ନାମ :..
୭. ଯୋଗାଯୋଗ ଠିକଣା :..
....
ପୋଷ୍ଟ:........................ ପିନ୍:........................
ଜିଲ୍ଲା :...
୮. ମୋବାଇଲ୍ ନଂ :..
୯. ଇ.ମେଲ୍ ଠିକଣା :..
୧୦. କେଉଁ ବିଷୟରେ ବିଶେଷ ରୁଚି ରଖନ୍ତି :........................
....

ତାରିଖ : ଆବେଦନକାରୀଙ୍କ ଦସ୍ତଖତ

(ଆବେଦନ ଫର୍ମଟିକୁ ପୂରଣ କରି ସଂପାଦକ, ପ୍ରଜ୍ଞାନ ମିଶନ, ଜଗତପୁର, କଟକ ଠିକଣାରେ ଜୁନ ୧୫ ତାରିଖ ସୁଦ୍ଧା ପଠାଇବେ)

ପ୍ରଜ୍ଞାନ ମିଶନ

ଜଗତପୁର, କଟକ-୭୫୪୦୨୧, ଓଡ଼ିଶା
Website : www.prajnanamission.org, Email : contact@prajnanamission.org
Phone : 0671-2491724, 9040809227, 8598899371

ପରମହଂସ ଯୋଗାନନ୍ଦଜୀଙ୍କ
୧୨୫ତମ ଜନ୍ମବାର୍ଷିକୀ ପାଳନ ଉପଲକ୍ଷେ

ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କ
ପାଇଁ ଆୟୋଜନ କରୁଛି

୧୧ତମ ଯୁବ ପ୍ରଶିକ୍ଷଣ ଶିବିର୍

ବିଷୟ
"ଯୋଗଯୁକ୍ତ ଜୀବନର୍ ଆଦର୍ଶ ଯୋଗାନନ୍ଦ"

ତାରିଖ : ୨୪ - ୩୦ ଜୁନ୍, ୨୦୧୭
(ପୁରୀର ବିଶ୍ୱପ୍ରସିଦ୍ଧ ପବିତ୍ର ରଥଯାତ୍ରା ଅବସରରେ)
ସ୍ଥାନ : ହରିହରାନନ୍ଦ ଗୁରୁକୁଳମ୍
ବାଲିଘାଇ, ପୋ- ଛଇତାନା, ପୁରୀ-୭୫୨୦୦୨
(ପୁରୀ-କୋଣାର୍କ ବେଳାଭୂମୀ ରାସ୍ତାରେ, ପୁରୀ ଠାରୁ ପ୍ରାୟ ୧୦କି.ମି. ଦୂରରେ ଅବସ୍ଥିତ)

ପ୍ରେମ ଓ ମୁକ୍ତିର ବାର୍ତ୍ତାବହ

ପରମହଂସ ଯୋଗାନନ୍ଦ

ଆମେରିକାର ଚିକାଗୋ ସହରରେ ଯେଉଁ ବର୍ଷ ସ୍ୱାମୀ ବିବେକାନନ୍ଦ ପ୍ରଥମ ବିଶ୍ୱ ଧର୍ମ ମହାସଭାରେ ଯୋଗଦାନକରି ଭାରତୀୟ ଧର୍ମ ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇଥିଲେ, ସେହି ବର୍ଷ ପୁଣ୍ୟ ଭାରତଭୂମିରେ ଅନ୍ୟ ଜଣେ ବିଶ୍ୱଗୁରୁ ପରମହଂସ ଯୋଗାନନ୍ଦ ଜନ୍ମଗ୍ରହଣକରି ପାଶ୍ଚାତ୍ୟରେ ହଜାର ହଜାର ଲୋକଙ୍କୁ ଈଶ୍ୱର ଉପଲବ୍ଧି ପାଇଁ କ୍ରିୟାଯୋଗର ସହଜ, ସରଳ ଓ ନିର୍ଣ୍ଣିତ ବୈଜ୍ଞାନିକ କୌଶଳ ସହିତ ପରିଚିତ କରାଇଥିଲେ । ଯୋଗୀମାନଙ୍କର ଇନ୍ଦ୍ରିୟଗ୍ରାହ୍ୟ ବିଶ୍ୱପ୍ରପଞ୍ଚର ଅତୀତ ଅନୁଭୂତିର ନିଖୁଣ ଉପସ୍ଥାପନା ସହ କ୍ରିୟାଯୋଗ ସାଧନା ପାଇଁ ଲୋକମାନଙ୍କ ମଧ୍ୟରେ ବିପୁଳ ଆଗ୍ରହ ସୃଷ୍ଟି କରିପାରିଥିବା ତାଙ୍କର ରଚିତ ପୁସ୍ତକ 'ଯୋଗୀର ଆତ୍ମଚରିତ' ପୃଥିବୀର ୩୪ ଭାଷାରେ ପ୍ରକାଶିତ ହୋଇ ଅଦ୍ୟାବଧି ଏକ କୋଟିରୁ ଊର୍ଦ୍ଧ୍ୱ ଲୋକଙ୍କ ପାଖରେ ଏହା ପହଞ୍ଚି ପାରିଛି ।

ହିମାଳୟ ପାଦଦେଶରେ ଥିବା ଗୋରଖପୁର ଠାରେ ୧୮୯୩ ମସିହା ଜାନୁଆରୀ ୫ ତାରିଖ ଦିନ ଜନ୍ମଗ୍ରହଣ କରିଥିବା ପରମହଂସ ଯୋଗାନନ୍ଦଜୀ ଓରଫ ମୁକୁନ୍ଦଲାଲ ଘୋଷଙ୍କୁ ବାଳୁତ ଅବସ୍ଥାରେ ତାଙ୍କ ପିତାମାତାଙ୍କ ଗୁରୁ ଶ୍ରୀ ଲାହିଡ଼ି ମହାଶୟ ଭବିଷ୍ୟତ ବାଣୀ ଶୁଣାଇ କହିଥିଲେ, "ଶିଶୁଟି ବଡ଼ ହୋଇ ଗୋଟିଏ ଆଧ୍ୟାତ୍ମିକ ଇଞ୍ଜିନ ସଦୃଶ ଅନେକ ଆତ୍ମାଙ୍କୁ ଈଶ୍ୱରଙ୍କ ରାଜ୍ୟକୁ ନେଇଯିବ" । ଛୋଟବେଳୁ ଆଧ୍ୟାତ୍ମିକ ସାଧନା ପାଇଁ ତାଙ୍କର ବିଶେଷ ଆଗ୍ରହ ଥିଲା । ସତର ବର୍ଷ ବୟସରେ ସେ ନିଜ ଗୁରୁ ଶ୍ରୀଯୁକ୍ତେଶ୍ୱରଙ୍କୁ ପାଇ କଠୋର ଅନୁଶାସନ ମଧ୍ୟରେ ରହି ଧ୍ୟାନ ସାଧନାରେ ନିଜକୁ ବ୍ରତୀ କରାଇଥିଲେ ।

୧୯୧୫ ମସିହାରେ ମୁକୁନ୍ଦ ସ୍ନାତକ ଡିଗ୍ରୀ ହାସଲ କରିବାପରେ ଶ୍ରୀଯୁକ୍ତେଶ୍ୱରଜୀ ତାଙ୍କୁ ସନ୍ନ୍ୟାସ ଦୀକ୍ଷା ପ୍ରଦାନ କରି 'ସ୍ୱାମୀ ଯୋଗାନନ୍ଦ ଗିରି' ନାମରେ ଅଭିହିତ କଲେ । ପିଲାମାନଙ୍କୁ ଯୋଗସାଧନା ପାଇଁ ଆକୃଷ୍ଟ କରିବା ପାଇଁ ୧୯୧୮ ମସିହାରେ ରାଞ୍ଚିର କାଶିମ ବଜାର ରାଜପ୍ରାସାଦରେ 'ଯୋଗଦା ସତ୍‌ସଙ୍ଗ ବ୍ରହ୍ମଚର୍ଯ୍ୟ ବିଦ୍ୟାଳୟ'ର ଶୁଭାରମ୍ଭ କଲେ । ବିଦ୍ୟାଳୟର ସାଧାରଣ ପାଠ୍ୟକ୍ରମ ସହିତ ଯୋଗ, ଧ୍ୟାନ ଓ ସ୍ୱାସ୍ଥ୍ୟ ଶିକ୍ଷାଦ୍ୱାରା ପ୍ରାଣଶକ୍ତିକୁ ପୁନଃ ଜାଗରିତ କରିବା ଥିଲା ଏକ ମୁଖ୍ୟ ବିଷୟ ।

୧୯୨୦ ମସିହାରେ ରାଞ୍ଚି ବିଦ୍ୟାଳୟର ଭଣ୍ଡାରଘରେ ଧ୍ୟାନମଗ୍ନ ଅବସ୍ଥାରେ ଆମେରିକା ଯିବାର ପ୍ରେରଣା ପାଇଲେ । ତହିଁ ପରଦିନ ଆମେରିକାର ବୋଷ୍ଟନ ସହରରେ ରିଲିଜିଅସ ଲିବେରାଲସଙ୍କ ଦ୍ୱାରା ଆୟୋଜିତ ଏକ ଆନ୍ତର୍ଜାତିକ ଧର୍ମ ମହାସଭାରେ ଭାରତୀୟ ପ୍ରତିନିଧିଭାବରେ ଯୋଗଦେବାପାଇଁ ଗୋଟିଏ ନିମନ୍ତ୍ରଣ ପାଇଲେ । ବିଦେଶଗସ୍ତ ପାଇଁ ତାଙ୍କର ୬୭ ବର୍ଷ ବୟସ୍କ ପିତା ମୋଟାଅଙ୍କର ଟଙ୍କା ବଢ଼ାଇ ଦେଇ କହିଲେ, "ମୁଁ ତତେ ଏହି ଟଙ୍କା ତୋର ବାପା ହିସାବରେ ନୁହେଁ, ଲାହିଡ଼ି ମହାଶୟଙ୍କ ବିଶ୍ୱସ୍ତ ଶିଷ୍ୟ ହିସାବରେ ଦେଉଛି । ବର୍ତ୍ତମାନ ସୁଦୂର ପାଶ୍ଚାତ୍ୟ ଭୂମିକୁ ଯାଅ; ସେଠାରେ ଜାତି ଧର୍ମ ନିର୍ବିଶେଷରେ କ୍ରିୟାଯୋଗର ପ୍ରଚାର କର ।" ଏହି ସମୟରେ ଯୋଗାନନ୍ଦଜୀ, ହିମାଳୟର ଅଦୃଶ୍ୟ ଯୋଗୀ ମହାବତାର ବାବାଜୀ ମହାରାଜଙ୍କ ଠାରୁ ଆମେରିକା ଯିବାପାଇଁ ପ୍ରତ୍ୟକ୍ଷ ପ୍ରେରଣା ପାଇଥିଲେ ।

୧୯୨୦ ମସିହା ଅଗଷ୍ଟ ମାସରେ ଗୁରୁଙ୍କର ଅନୁମତି ଓ ଆଶୀର୍ବାଦ ନେଇ ଏକ ଯାତ୍ରୀବାହୀ ଜାହାଜରେ ଆମେରିକାର ବୋଷ୍ଟନ ଅଭିମୁଖେ ଯାତ୍ରା ଆରମ୍ଭ କଲେ । ଅକ୍ଟୋବର ୬ ତାରିଖ ଦିନ ବୋଷ୍ଟନ ଆନ୍ତର୍ଜାତିକ କଂଗ୍ରେସରେ ନିଜର ପ୍ରଥମ ବକ୍ତୃତା ପ୍ରଦାନ କଲେ । କ୍ରିୟାଯୋଗର ସାର୍ବଜନୀନ କୌଶଳକୁ ଜନମାନସରେ ପହଞ୍ଚାଇବା ପାଇଁ ସେହି ବର୍ଷ ଆମେରିକାରେ 'ସେଲଫ ରିଅଲାଇଜେସନ ଫିଲୋସିପ' ନାମକ ଏକ ସଂସ୍ଥା ଗଠନ କଲେ । ୧୯୨୫ ମସିହାରେ ଲସ ଏଞ୍ଜେଲେସ ସହରରେ ମାଉଣ୍ଟ ୱାଶିଂଟନ ଇଷ୍ଟେଟରେ ଏହାର ପ୍ରଧାନ ପ୍ରଶାସନିକ କେନ୍ଦ୍ର ସ୍ଥାପନ ହେଲା । ହଜାର ହଜାର ପାଶ୍ଚାତ୍ୟବାସୀଙ୍କୁ ଯୋଗାନନ୍ଦଜୀ କ୍ରିୟାଯୋଗରେ ଦୀକ୍ଷିତ କରାଇଥିଲେ ଓ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଥିଲେ । କ୍ରିୟାଯୋଗର ବୈଜ୍ଞାନିକ ସାଧନା ପ୍ରଣାଳୀ ବ୍ୟାପକ ଭାବରେ ପ୍ରସାରଲାଭ କରିବାଦ୍ୱାରା ତାଙ୍କର ସୁନାମ ଚାରିଆଡ଼େ ବ୍ୟାପିବାକୁ ଲାଗିଲା ।

ଶ୍ରୀଯୁକ୍ତେଶ୍ୱରଜୀଙ୍କ ସୂକ୍ଷ୍ମ ନିର୍ଦ୍ଦେଶ ପାଇ ୧୯୩୫ ମସିହା ଅଗଷ୍ଟ ମାସରେ ଯୋଗାନନ୍ଦଜୀ ଭାରତ ପ୍ରତ୍ୟାବର୍ତ୍ତନ କରି ନିଜ ଗୁରୁଦେବଙ୍କୁ ସାକ୍ଷାତ କରିବା ପାଇଁ ଶ୍ରୀରାମପୁର ଗଲେ । ଦୀର୍ଘ ୧୫ ବର୍ଷ ପରେ ନିଜର ସୁଯୋଗ୍ୟ ଶିଷ୍ୟଙ୍କୁ ଦେଖି ଅତ୍ୟନ୍ତ ଆନନ୍ଦର ସହ ଆଲିଙ୍ଗନ କରି ଆଶୀର୍ବାଦ ଦେଲେ । ଭାରତର ବିଭିନ୍ନ ସହର ଭ୍ରମଣ କରି ଅନେକ ଲୋକଙ୍କୁ କ୍ରିୟାଯୋଗରେ ଦୀକ୍ଷିତ କରାଇଲେ । ୱାର୍ଦ୍ଧାସ୍ଥିତ ମହାତ୍ମା ଗାନ୍ଧୀଙ୍କ ଆଶ୍ରମ ପରିଦର୍ଶନରେ ଯାଇ ଯୋଗାନନ୍ଦଜୀ ୧୯୩୫ ମସିହା ଅଗଷ୍ଟ ୨୭ ତାରିଖ ଦିନ ଗାନ୍ଧିଜୀଙ୍କୁ କ୍ରିୟାଯୋଗରେ ଦୀକ୍ଷିତ କରିଥିଲେ । ସେହି ବର୍ଷ ଶ୍ରୀଯୁକ୍ତେଶ୍ୱରଜୀ ଯୋଗାନନ୍ଦଜୀଙ୍କୁ ସନ୍ନ୍ୟାସୀ ପରମ୍ପରାର ଶ୍ରେଷ୍ଠ ଉପାଧି 'ପରମହଂସ' ପ୍ରଦାନ କଲେ । ସ୍ୱାମୀ ଯୋଗାନନ୍ଦ ଗିରି, ପରମହଂସ ଯୋଗାନନ୍ଦ ନାମରେ ପରିଚିତ ହେଲେ । ଏହି ସମୟରେ ବ୍ରହ୍ମଚାରୀ ରବିନାରାୟଣ (ପରମହଂସ ହରିହରାନନ୍ଦ)ଙ୍କୁ କଲିକତାରେ ଦ୍ୱିତୀୟ କ୍ରିୟା ଦୀକ୍ଷା ଦେଇଥିଲେ ଏବଂ ୧୯୫୧ ମସିହାରେ କ୍ରିୟାଯୋଗ ଦୀକ୍ଷା ପ୍ରଦାନ ପାଇଁ ତାଙ୍କୁ ଅଧିକୃତ କରିଥିଲେ । ପରବର୍ତ୍ତୀ ସମୟରେ ଯୋଗାନନ୍ଦଜୀଙ୍କ ପଦାଙ୍କ ଅନୁସରଣ କରି ପରମହଂସ ହରିହରାନନ୍ଦଜୀ ଦେଶ ବିଦେଶରେ କ୍ରିୟାଯୋଗର ପ୍ରସାରପ୍ରଚାର କରି ବିଶ୍ୱଗୁରୁ ମର୍ଯ୍ୟାଦା ପ୍ରାପ୍ତ କରିଥିଲେ ।

୧୯୩୬ ମସିହା ଅକ୍ଟୋବର ମାସରେ ପୁଣି ଆମେରିକା ଅଭିମୁଖେ ଯାତ୍ରା କଲେ । ବିଦେଶରେ 'ସେଲଫ ରିଅଲାଇଜେସନ ଫେଲୋସିପ' (SRF)ର ଅନେକ ଶାଖା ପ୍ରତିଷ୍ଠା କରି ନିୟମିତ ଭାବରେ ଏହାର ସଦସ୍ୟ ସଦସ୍ୟାମାନଙ୍କୁ ବିଭିନ୍ନ ବିଷୟରେ ବକ୍ତୃତା ଦେଉଛନ୍ତି । ସେଗୁଡ଼ିକ ତାଙ୍କର ପ୍ରିୟ ଶିଷ୍ୟା ଶ୍ରୀ ଦୟା ମାତାଙ୍କ ଦ୍ୱାରା ଲିପିବଦ୍ଧ ହୋଇ ପୁସ୍ତକ ଓ ପତ୍ରିକା ମାଧ୍ୟମରେ ପ୍ରକାଶିତ ହୋଇଛି । ୧୯୩୯ ମସିହାରେ କଲିକତା ସହର ନିକଟବର୍ତ୍ତୀ ଦକ୍ଷିଣେଶ୍ୱରଠାରେ ଗଙ୍ଗାନଦୀ କୂଳରେ ଏକ ବିରାଟ 'ଯୋଗଦାମଠ' ଉତ୍ସର୍ଗୀକୃତ ହେଲା ଏବଂ ଏହା 'ଯୋଗଦା ସତ୍‌ସଙ୍ଗ ସୋସାଇଟି ଅଫ ଇଣ୍ଡିଆ'ର ମୁଖ୍ୟ କାର୍ଯ୍ୟାଳୟ ଭାବରେ ପରିଗଣିତ ହେଲା । ଭାରତର ବିଭିନ୍ନ ସ୍ଥାନରେ ଥିବା ଆଶ୍ରମ, ବିଦ୍ୟାଳୟ, ଧ୍ୟାନକେନ୍ଦ୍ର ଓ ସେବା ପ୍ରକଳ୍ପମାନ ଏହି ମୁଖ୍ୟ କାର୍ଯ୍ୟାଳୟରୁ ସମ୍ପାଦିତ ହେଲା । ୧୯୦୩ ମସିହାରେ ଶ୍ରୀଯୁକ୍ତେଶ୍ୱରଜୀଙ୍କ ଦ୍ୱାରା ପୁରୀରେ ପ୍ରତିଷ୍ଠିତ 'କରାର ଆଶ୍ରମ'ରେ ଥିବା ଶ୍ରୀଯୁକ୍ତେଶ୍ୱରଜୀଙ୍କ ସମାଧି ମନ୍ଦିରର ନିର୍ମାଣ ପାଇଁ ୧୯୫୦ ମସିହାରେ ଆଶ୍ରମର ଆଚାର୍ଯ୍ୟ ଦାୟିତ୍ୱରେ ଥିବା ବ୍ରହ୍ମଚାରୀ ରବିନାରାୟଣଙ୍କୁ ଆର୍ଥିକ ଅନୁଦାନ ଯୋଗାଇ ଦେଇଥିଲେ ।

ପରମହଂସ ଯୋଗାନନ୍ଦଜୀଙ୍କ ଅନ୍ତିମ ବର୍ଷଗୁଡ଼ିକ ପ୍ରାୟତଃ ଏକାନ୍ତବାସରେ କଟାଇଛନ୍ତି । ଏହି ସମୟରେ ଭାଗବତ ଗୀତା ଓ ବାଇବେଲରେ ଥିବା ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ବାଣୀର ବିସ୍ତୃତ ବ୍ୟାଖ୍ୟା ଏବଂ SRF ପାଠ୍ୟକ୍ରମର ପ୍ରସ୍ତୁତି ଓ ସାଙ୍ଗଠନିକ କାର୍ଯ୍ୟ ପାଇଁ ନୀତିନିର୍ଦ୍ଧାରଣ ପ୍ରସ୍ତୁତିରେ ନିଜକୁ ନିୟୋଜିତ କରିଛନ୍ତି । ୧୯୫୨ ମସିହା ମାର୍ଚ୍ଚ ୭ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର କାଲିଫର୍ନିଆସ୍ଥିତ ଲସ ଏଞ୍ଜେଲେସ ସହରରେ ଭାରତୀୟ ରାଷ୍ଟ୍ରଦୂତ ମାନ୍ୟବର ଶ୍ରୀ ବିନୟ ରଞ୍ଜନ ସେନଙ୍କ ସମ୍ମାନାର୍ଥେ ଆୟୋଜିତ ଏକ ଭୋଜି ସଭାରେ ତାଙ୍କର ଅଭିଭାଷଣ ଶେଷ କଲା ପରେ ପରମହଂସ ଯୋଗାନନ୍ଦଜୀ ମହାସମାଧିରେ ଲୀନ ହୋଇଗଲେ । ଷାଠିଏ ବର୍ଷରୁ କମ୍ ଜୀବନକାଳ ମଧ୍ୟରେ ସମଗ୍ର ବିଶ୍ୱରେ କ୍ରିୟାଯୋଗ ସାଧନାର ଏକ ବଳିଷ୍ଠ ଭିତ୍ତିଭୂମି ପ୍ରତିଷ୍ଠା କରିଦେଇ ଭାରତୀୟ ଧର୍ମ ଓ ସଂସ୍କୃତିର ଧ୍ୱଜା ଉଡ଼ାଇଦେଇ ଗଲେ । ଦେହତ୍ୟାଗର ବହୁ ସପ୍ତାହ ପରେ ମଧ୍ୟ ଶବାଗାରରେ ସାଇତି ରଖାଯାଇଥିବା ତାଙ୍କ ମରଶରୀରରେ କୌଣସି ଭୌତିକ ବିଘଟଣ ଦୃଷ୍ଟିଗୋଚର ହୋଇନଥିଲା ଓ ଶ୍ରୀମୁଖର ଜ୍ୟୋତି ଭଗବତ ଦୀପ୍ତିରେ ଉଦ୍ଭାସିତ ହେଉଥିଲା ।